# ଅଧ୍ୟାୟ ୧୯

## ପାଠର ନାମ–ମହାନଦୀ (ଓଡ଼ିଶାର ଭୂଗୋଳ ବିଷୟକ ପାଠ)

**ଗଠନକ୍ରମ**


୧୯.୦ ଉଦ୍ଦେଶ୍ୟ

୧୯.୧ ଉପକ୍ରମଣିକା

୧୯.୨ ମୂଳପାଠର ପ୍ରଥମଭାଗ

୧୯.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ

୧୯.୨.୨ ମୂଳପାଠର ପ୍ରଥମଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୯.୩ ମୂଳପାଠର ଦ୍ୱିତୀୟଭାଗ

୧୯.୩.୧ ମୂଳପାଠର ଦ୍ୱିତୀୟଭାଗ ଉପରେ ପ୍ରଶ୍ନାବଳୀ

୧୯.୩.୨ ମୂଳପାଠର ଦ୍ୱିତୀୟଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୯.୪ ମୂଳପାଠର ଶେଷଭାଗ

୧୯.୪.୧ ମୂଳପାଠର ଶେଷଭାଗ ଉପରେ ପ୍ରଶ୍ନ

୧୯.୪.୨ ମୂଳପାଠର ଶେଷଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନ

୧୯.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ

୧୯.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧୯.୫ ସାରାଂଶ

୧୯.୬ ଶବ୍ଦାର୍ଥ

୧୯.୭ ପଠନ ଅଭ୍ୟାସ

୧୯.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୯.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ


## ୧୯.୦ ଉଦ୍ଦେଶ୍ୟ

ଚତୁର୍ଥ ପାଠରେ ଓଡିଶାର ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଗୋଟିଏ ପାଠ ଦିଆଯାଇଛି । ତା'ର ଉପକ୍ରମଣିକାରେ ଓଡ଼ିଶାର ସୀମା, ଆୟତନ ଓ ଜନସଂଖ୍ୟା ବିଷୟରେ ସୂଚନା ଦିଆଯାଇଛି । ଗୋଟିଏ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟରେ ସ୍ପଷ୍ଟ ଧାରଣା କରିବାକୁ ହେଲେ, ତା'ର ଭୌଗୋଳିକ ପୃଷ୍ଠଭୂମି ସମ୍ପର୍କରେ ସ୍ପଷ୍ଟ ଧାରଣା ରହିବା ଆବଶ୍ୟକ । କାରଣ ଗୋଟିଏ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଏଗୁଡିକର ବିକାଶ ଘଟିଥାଏ । ତେଣୁ ଓଡ଼ିଶାର ଭୂଗୋଳ ଉପରେ ଜାଣିବାର ଆଗ୍ରହ ସୃଷ୍ଟି କରିବା ଲାଗି ଏହି ପାଠର ଅବତାରଣା କରଯାଇଛି ।

## ୧୯.୧ ଉପକ୍ରମଣିକା

ପାଠର ସୀମାବଦ୍ଧ ପରିସର ମଧ୍ୟରେ ଓଡ଼ିଶା ପରି ଏକ ବୃହତ୍ ଭୂଖଣ୍ଡର ଭୁଗୋଳ ଆଲୋଚନା କରିବା ସମ୍ଭବ ନୁହେଁ । ଏହାର ଭୂପ୍ରକୃତି, ନଦୀ, ହ୍ରଦ, ପର୍ବତ, ଖଣିଜ ସମ୍ପଦ, ଜଳବାୟୁ ଉପରେ ସ୍ୱତନ୍ତ୍ର ଗ୍ରନ୍ଥ ଲେଖାଯାଇ ପାରେ । ମାତ୍ର ଏଠାରେ ଓଡିଶାର ଅବସ୍ଥିତି ଓ ପ୍ରାକୃତିକ ଗଠନ ବିଷୟରେ ସାମାନ୍ୟ ସୂଚନା ଦେବାପରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ, ଓଡ଼ିଶାର ଐତିହ୍ୟ ସମ୍ପର୍କରେ କହିବା, ପଢ଼ିବା, ଅଥବା ଲେଖିଲା ବେଳେ ଯେଉଁ ପ୍ରକାରର ଶବ୍ଦାବଳୀ ଏବଂ ଅନୁରୂପ ବାକ୍ୟରେ ତା'ର ସାର୍ଥକ ବିନ୍ୟାସ ଆବଶ୍ୟକ ହୁଏ ଭୂଗୋଳ ବା ଭୂଗୋଳ ବିଷୟକ ଆଲୋଚନାରେ ପାଠରୁ କିଛି ଭିନ୍ନ ପ୍ରକାରର ଶବ୍ଦାବଳୀ ଆବଶ୍ୟକ ହୁଏ । ଏପରି ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ସାଧାରଣ ପାଠକଙ୍କ ଉପଯୋଗୀ ପ୍ରବନ୍ଧ ଓ ପୁସ୍ତକ ପାଠକଲେ ଭାଷାଜ୍ଞାନ ପରିପକ୍ୱ ହୁଏ । ଭୂଗୋଲକ ବା ଗ୍ଲୋବ୍ ଏବଂ ମାନଚିତ୍ର ବା ମ୍ୟାପ୍‌ରେ ଗୋଟିଏ ସ୍ଥାନର ଅବସ୍ଥିତିକୁ ଅକ୍ଷାଂଶ ଓ ଦ୍ରାଘିମା ରେଖା ଅନୁସାରେ

କୁହାଯାଏ । ତାପ ଦୃଷ୍ଟିରୁ ଓଡିଶା ୧୭° ୪୯' (ସତର ଡିଗ୍ରୀ ଅଣଚାଶ ମିନିଟ୍), ଓ ୨୨° ୩୪' ଉତ୍ତର ଅକ୍ଷାଂଶ ଏବଂ ୮୧° ୨୭' ଓ ୮୭° ୨୯' ପୂର୍ବ ଦ୍ରାଘିମା ମଧ୍ୟରେ ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ଏହାର ଆୟତନ ୧,୫୫,୭୦୭,୦ ବର୍ଗ କିଲୋମିଟର । ପ୍ରାକୃତିକ ଗଠନ ବା ଭୂରୂପ ଅନୁସାରେ ଏହାକୁ ଚାରିଗୋଟି ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା (୧) ଉତ୍ତରସ୍ଥ ମାଳଭୂମି ଅଞ୍ଚଳ (୨) ମଧ୍ୟଭାଗସ୍ଥ ନଦୀ ଉପତ୍ୟକା ଅଞ୍ଚଳ (୩) ଦକ୍ଷିଣ ପଶ୍ଚିମସ୍ଥ ପାର୍ବତ୍ୟ ଅଞ୍ଚଳ (୪) ଉପକୂଳସ୍ଥ ସମତଳ ଅଞ୍ଚଳ ।

ଓଡିଶାର ପୂର୍ବ ଦିଗରେ ବଙ୍ଗୋପସାଗର । ଏହାର ପଶ୍ଚିମ ଆଡ଼କୁ ମାଳଭୂମି ଅଞ୍ଚଳ ବିସ୍ତୃତ ହୋଇଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଜିଲ୍ଲା ଓ ଢେଙ୍କାନାଳ ଜିଲ୍ଲାର ପାଲଲହଡା ଅଞ୍ଚଳକୁ ଉତ୍ତରସ୍ଥ ମାଳଭୂମି ବୋଲି କୁହାଯାଏ । ଏହି ମାଳଭୂମିର ସ୍ଥାନେ ସ୍ଥାନେ ପାହାଡ଼, ପର୍ବତ ଓ ଉପତ୍ୟକାମାନ ଅଛି । ଏହି ତରଙ୍ଗାୟିତ ଉଚ୍ଚଭୂମି ଦକ୍ଷିଣ ଆଡକୁ କ୍ରମାବନତ ହୋଇଆସୁଛି । ମଧ୍ୟଭାଗସ୍ଥ ନଦୀ ଉପତ୍ୟକା ଅଞ୍ଚଳଟି ମୁଖ୍ୟତଃ ବଲାଙ୍ଗୀର, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲା ମଧ୍ୟରେ ବିସ୍ତୃତ । ମହାନଦୀ ବ୍ରାହ୍ମଣୀ, ବୈତରଣୀ ଓ ସେମାନଙ୍କର ଉପନଦୀଗୁଡ଼ିକର ଉପତ୍ୟକାକୁ ନେଇ ଏହି ଅଞ୍ଚଳଟି ଗଠିତ । ଏହା କୃଷି ଉତ୍ପାଦନ ଦୃଷ୍ଟିରୁ ସମୃଦ୍ଧଶାଳୀ, ସୁତରାଂ ଜନବହୁଳ । ଦକ୍ଷିଣ ପଶ୍ଚିମସ୍ଥ ପାର୍ବତ୍ୟ ଅଞ୍ଚଳଟି ପୂର୍ବଘାଟ ପର୍ବତମାଳାର ଏକ ଅଂଶ । କୋରାପୁଟ, କଳାହାଣ୍ଡି, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲା ଏହି ବିଭାଗର ଅନ୍ତର୍ଗତ । ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା—ବାଲେଶ୍ୱର, କଟକ ଓ ପୁରୀ ଅଧିକାଂଶ ଅଞ୍ଚଳ ଏବଂ ଗଞ୍ଜାମ ଜିଲ୍ଲାର ଗୋଟିଏ ଭାଗକୁ ଘେନି ଉପକୂଳସ୍ଥ ସମତଳ ଭୂମି ଗଠିତ । ଏହି ଅଞ୍ଚଳଟି ଓଡିଶାର ପ୍ରଧାନ ପ୍ରଧାନ ନଦୀମାନଙ୍କର ତ୍ରିକୋଣଭୂମି ଅଞ୍ଚଳ । ତେଣୁ ଏହାର ମୃତ୍ତିକା ଉର୍ବର । ଓଡିଶାର ପୂର୍ବଭାଗ ଅପେକ୍ଷା ପଶ୍ଚିମଭାଗ ଉଚ୍ଚ । ତେଣୁ ଏହାର ନଦୀଗୁଡ଼ିକ ପଶ୍ଚିମରୁ ପୂର୍ବକୁ ପ୍ରବାହିତ ହୋଇଛନ୍ତି । ଏଥିମଧ୍ୟରୁ ମହାନଦୀଟି ମଧ୍ୟପ୍ରଦେଶର ଅମରକଣ୍ଟକ ମାଳଭୂମିରୁ ବାହାରି ଉତ୍ତର-ପଶ୍ଚିମ ଦିଗରେ ଓଡ଼ିଶାରେ ପ୍ରବେଶ କରିଛି । ଏହି ପାଠରେ ଏ ସମ୍ପର୍କରେ ଆଲୋଚନା କରାଯାଇଅଛି ।

## ୧୯.୨ ମୂଳପାଠର ପ୍ରଥମଭାଗ

ଓଡ଼ିଶା ଭାରତର ପୂର୍ବ-ଉପକୂଳରେ ୧୭° ୪୯' ଓ ୨୨° ୩୪' ଉତ୍ତର ଅକ୍ଷାଂଶ ଏବଂ ୮୧° ୨୭' ଓ ୮୭° ୨୯' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ମହାନଦୀ ଏହି ରାଜ୍ୟର ଦୀର୍ଘତମ ନଦୀ । ଏହି ନଦୀ ଓଡ଼ିଶାର ପଶ୍ଚିମ ଦିଗରେ ଥିବା ମଧ୍ୟପ୍ରଦେଶର ଅମରକଣ୍ଟକ ମାଳଭୂମିରୁ ବାହାରି ଉତ୍ତର-ପଶ୍ଚିମ ଦିଗରୁ ଓଡିଶାରେ ପ୍ରବେଶ କରିଛି । ଏହା ପଶ୍ଚିମ ଓଡିଶାର ମାଳଭୂମିରେ ପ୍ରବାହିତ ହୋଇ କଟକଠାରୁ ପଶ୍ଚିମକୁ ୭ ମାଇଲ ଦୂରରେ ନରାଜଠାରେ ସମତଳ ଭୂମିରେ ପ୍ରବେଶ କରି ଫଲସ୍ ପଏଣ୍ଟଠାରେ ବଙ୍ଗୋପସାଗରରେ ମିଶିଛି । ଏହି ନଦୀର ଦୈର୍ଘ୍ୟ ପ୍ରାୟ ୮୮୦ କିଲୋମିଟର । ମହାନଦୀର ବହୁ ଉପନଦୀ ଓ ଶାଖାନଦୀ ଅଛି । ଶଶିଭୂଷଣ ଏହି ନଦୀକୁ 'ଉତ୍କଳ-ଲକ୍ଷ୍ମୀଙ୍କର ସୁବର୍ଣ୍ଣ ମେଖଳା' ବୋଲି ଉଲ୍ଲେଖ କରିଛନ୍ତି ।

କବି କଳ୍ପନାରେ ନଦୀ ହେଉଛି—'ଗିରିବର ନନ୍ଦିନୀ' । ଏହାର ଉତ୍ପତ୍ତି ଓ ଶଯ୍ୟା ଗ୍ରହଣଠାରୁ ସମୁଦ୍ର ସହିତ ମିଳନ ପର୍ଯ୍ୟନ୍ତ ବ୍ୟାପ୍ତି କବିଙ୍କ ଦୃଷ୍ଟିରେ କମନୀୟ ରୂପ ଗ୍ରହଣ କରେ । ଭୂଗୋଳର ଭାଷାରେ ଏହାର ବର୍ଣ୍ଣନା ନିରସ ଅଥଚ ପ୍ରାଞ୍ଜଳ । ବର୍ଷାକାଳରେ ବୃଷ୍ଟିଜଳର କେତେକ ଅଂଶ ସ୍ଥଳ ଭାଗରୁ ଜଳଭାଗ ଆଡକୁ ଗଡ଼ିଯାଏ । ପୁଣି ଏଥିରୁ କେତେକ ଭୂମି ଭିତରକୁ ଭେଦିଯାଏ । ଭୂପୃଷ୍ଠର ନିମ୍ନ ଅଂଶରେ ଥିବା ଶିଳାସ୍ତର ପ୍ରବେଶ୍ୟ ଓ ଅପ୍ରବେଶ୍ୟ ଭେଦରେ ଦୁଇପ୍ରକାର । ଭୂମି ଭିତରକୁ ଭେଦୁଥିବା ଜଳ କ୍ରମଶଃ ଅଭ୍ୟନ୍ତର ଆଡ଼କୁ ଗତିକରି ପ୍ରବେଶ୍ୟ ଶିଳାସ୍ତର ଅତିକ୍ରମ କରି ଅପ୍ରବେଶ୍ୟ ଶିଳାସ୍ତରକୁ ଭେଦକରି ନପାରି, ସେଠାରେ ସଞ୍ଚିତ ହୋଇ ରହେ କିମ୍ବା ଶିଳାସ୍ତରର ଢାଲୁ ଥିବା ଅଞ୍ଚଳକୁ ପ୍ରବାହିତ ହୋଇ ସ୍ଥାନେ ସ୍ଥାନେ ଭୂପୃଷ୍ଠକୁ ବାହାରି ପଡେ । ସେତେବେଳେ ଏହାକୁ ପ୍ରସ୍ରବଣ ବା ଝରଣା କୁହନ୍ତି । ଏହା ସାଧାରଣତଃ ପ୍ରବେଶ୍ୟ ଓ ଅପ୍ରବେଶ୍ୟ ଶିଳାସ୍ତରର ସଙ୍ଗମ ସ୍ଥଳରେ ଦେଖାଯାଏ । ଉଚ୍ଚ ମାଳଭୂମି ଓ ପାହାଡ ପର୍ବତରୁ ଏ ପ୍ରକାର ଝରଣା ବା ପ୍ରସ୍ରବଣମାନଙ୍କର ଜଳ ଓ ବୃଷ୍ଟି ଜଳ ନିମ୍ନଭୂମି ଆଡକୁ ପ୍ରବାହିତ ହେଲେ ନଦୀର ସୃଷ୍ଟି ହୁଏ ଏବଂ ଶିଆରର ଗଭୀରତା ବଢ଼େ । କ୍ରମଶଃ ଏହା ପ୍ରଶସ୍ତ ହୋଇ ନଦୀଶଯ୍ୟା ସୃଷ୍ଟି କରେ । ନଦୀର ଉଭୟ ପାର୍ଶ୍ୱରୁ ଅପେକ୍ଷାକୃତ ଯେଉଁସବୁ ଛୋଟ ଛୋଟ ନଦୀ ଆସି ପ୍ରଧାନ ନଦୀ ସହିତ ମିଳିତ ହୋଇଥାଏ ସେଗୁଡ଼ିକୁ ଉପନଦୀ ଏବଂ ଏହାର ମିଳନସ୍ଥଳକୁ ସଙ୍ଗମ କୁହାଯାଏ । ଯେଉଁ ଅଞ୍ଚଳର ବୃଷ୍ଟିଜଳ ଯେଉଁ ନଦୀ ଦ୍ୱାରା ପ୍ରବାହିତ ହୁଏ, ସେହି ଅଞ୍ଚଳକୁ ସେହି ନଦୀର ଅବବାହିକା କୁହାଯାଏ । ନଦୀର ଉତ୍ପତ୍ତିସ୍ଥଳରୁ ମୁହାଣ ବା ସାଗର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ବିଭିନ୍ନ ଅଂଶକୁ ଯଥାକ୍ରମେ ଉପରଶଯ୍ୟା ବା ପାର୍ବତ୍ୟଶଯ୍ୟା, ମଧ୍ୟଶଯ୍ୟା ବା ସମତଳଶଯ୍ୟା ଓ ନିମ୍ନଶଯ୍ୟା ବୋଲି କୁହାଯାଇଥାଏ ।

ମହାନଦୀ ମଧ୍ୟପ୍ରଦେଶର ସରଇପଲି ପାରି ହେବାପରେ ଓଡିଶାର ସମ୍ବଲପୁର ଜିଲ୍ଲାରେ ପ୍ରବେଶ କରିଛି । ଏହା ସମ୍ବଲପୁର ସହରର ଦକ୍ଷିଣ-ପୂର୍ବ ଦିଗରେ ପ୍ରବାହିତ ହୋଇଛି । ସମ୍ବଲପୁରଠାରେ ଏହାର ଓସାର ପ୍ରାୟ ଏକ ମାଇଲ । ତାହା ପରେ ଏହା ସୋନପୁର, ଆଠମଲ୍ଲିକ, ବୌଦ, ଦଶପଲ୍ଲା, ବଡମ୍ବା, ଖଣ୍ଡପଡା ଦେଇ କ୍ରମେ ସମତଳ ଅଞ୍ଚଳକୁ ପ୍ରବାହିତ ହୋଇଛି । ଶଶିଭୂଷଣ ରାୟ ମହାନଦୀରେ ସମ୍ବଲପୁରଠାରୁ କଟକ ପର୍ଯ୍ୟନ୍ତ ନୌକାଯାତ୍ରା କରି ନିଜର ଅନୁଭୂତି ବର୍ଣ୍ଣନା କରିଛନ୍ତି । ସେ ମହାନଦୀର ପାର୍ବତ୍ୟଶଯ୍ୟାର ବର୍ଣ୍ଣନା କରି ଲେଖିଛନ୍ତି—'ସମ୍ବଲପୁରଠାରୁ ନୌକାରୋହଣ କରି ମହାନଦୀ ପ୍ରବାହରେ ଭସି ଆସିଲେ ପ୍ରଥମେ ମହାନଦୀର ପ୍ରସ୍ତର ବହୁଳଶଯ୍ୟା ଦେଖି ଚମତ୍କୃତ ହେବାକୁ ହୁଏ । ଶତ ଶତ ପ୍ରକାଣ୍ଡ ପ୍ରସ୍ତର ସ୍ତୂପରେ ମହାନଦୀର ଶଯ୍ୟା ପରିପୂର୍ଣ୍ଣ । ଏହା ମଧ୍ୟରେ ମହାନଦୀରେ ପ୍ରବାହ ଅପରୂପ ଚକ୍ର ଗଢିରେ ପ୍ରଧାବିତ । ଏହି ପ୍ରସ୍ତର ରାଶିକୁ ସାଧାରଣତଃ ବିଷମ କହନ୍ତି । x x ଅସଂଖ୍ୟ ଶିଳା ବିଷମ ପୂର୍ଣ୍ଣଗର୍ଭା ମହାନଦୀ ସମ୍ବଲପୁରଠାରୁ ସୋନପୁର ପର୍ଯ୍ୟନ୍ତ ଧନୁରାକୃତିରେ ପ୍ରବାହିତା । x x ସୋନପୁର ରାଜଧାନୀର ଏକ ମାଇଲ ତଳକୁ ଦକ୍ଷିଣ ପାର୍ଶ୍ୱରେ ତେଲନଦୀ ମହାନଦୀର ଗୋଟିଏ ପ୍ରଧାନ ଉପନଦୀ । x x x ଏହାର କିଛି ତଳକୁ ନଦୀ ମଧ୍ୟସ୍ଥିତ ଗୋଟିଏ ପ୍ରକାଣ୍ଡ ପ୍ରସ୍ତର ଉପରେ ବଲ୍ଲଭୀ ଠାକୁରାଣୀଙ୍କ ବିଗ୍ରହ ବିରାଜିତ । ଏଠାରୁ ଦୃଶ୍ୟମାନ ଚତୁର୍ଦ୍ଦିଗର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ । x x x ସମଗ୍ର ମହାନଦୀ ଅସଂଖ୍ୟ ବିଷମରେ ପରିପୂର୍ଣ୍ଣ । ଜଳର ପ୍ରଧାନ ସ୍ରୋତ ଶିଳା ସମୂହରେ ବାଧା ପାଇ ଶତ ଶତ ସ୍ରୋତରେ ପରିଣତ ହୋଇ ଘୋ ଘୋ ରବରେ ନିରନ୍ତର ଫେନ ଉଦ୍‌ଗିରଣ କରୁଅଛି । ସ୍ଥାନେ ସ୍ଥାନେ ପ୍ରସ୍ତରର ଗାତ୍ର ନାନା ଶ୍ରେଣୀର ଜ୍ୟାମିତିକ କ୍ଷେତ୍ର ସମୂହର ଶୋଭାକୁ ଅନୁକରୁଅଛି । ଏସବୁ ଦେଖି ପ୍ରକୃତିର ବିଚିତ୍ର କଳା କୌଶଳ ଉପଲବ୍ଧ ହୋଇଥାଏ ।'' ପଶ୍ଚିମ ଓଡିଶା ପାର୍ବତ୍ୟ ଅଞ୍ଚଳର ବହୁ ଜଳଧାର ମହାନଦୀରେ ମିଶିଥାଏ । ତେଲ ଓ ଇବ୍ ମହାନଦୀର ପ୍ରଧାନ ଉପନଦୀ । ନଦୀ ତା'ର ପାର୍ବତ୍ୟଶଯ୍ୟା ବା ଉଚ୍ଚ ମାଳଭୂମିରୁ ପ୍ରବାହିତ ହେବା ସମୟରେ ତାର ଗତିପ୍ରଖର ଥାଏ । ନଦୀଶଯ୍ୟାରେ ଥିବା ପ୍ରସ୍ତର ଅପେକ୍ଷା ପାର୍ଶ୍ୱରେ ଥିବା ପ୍ରସ୍ତରକୁ ଅପେକ୍ଷାକୃତ କ୍ଷୟ କରେ । ଫଳରେ ଏହି ଅଞ୍ଚଳରେ ନଦୀର ଉପତ୍ୟକା ଗଭୀର ଓ ପାର୍ଶ୍ୱ ତୀଖ ହୋଇଥାଏ । ନଦୀର ଏହିପରି ପ୍ରସ୍ତରପୂର୍ଣ୍ଣ ଶଯ୍ୟାକୁ ଗିରିଗଣ୍ଡ ବା କ୍ୟାନିୟନ କୁହାଯାଏ । ମହାନଦୀ ସମ୍ବଲପୁରଠାରେ ମିଳିତ ହୋଇ ଦକ୍ଷିଣାଭିମୁଖରେ ଗତିକରେ । ବଲାଙ୍ଗୀର ପାଟଣାର କିଛି ଦୂରରେ ଅଙ୍ଗ ଓ ସୋନପୁରଠାରେ ତେଲ ନଦୀରେ ମିଳିତ ହୋଇ ବୌଦ ଫୁଲବାଣୀ ଜିଲ୍ଲାରେ ପ୍ରବେଶ କରିଛି । ବୌଦର ସୁନାଖଣିଆଠାରୁ ଆରମ୍ଭ କରି ଦଶପଲ୍ଲାର ବଡମୂଳ ଘାଟି ପର୍ଯ୍ୟନ୍ତ ପ୍ରାୟ ୨୩ କିଲୋମିଟର ଦୂର ମହାନଦୀର ଶଯ୍ୟା ସଂକୀର୍ଣ୍ଣ ଓ ଗଭୀର । ଏହା ଗୋଟିଏ ଗିରିଗଣ୍ଡ ଓ ଏହାକୁ ସାତକୋଶିଆଗଣ୍ଡ କୁହାଯାଏ । ଶଶିଭୂଷଣ ଲେଖିଛନ୍ତି—''ଏଡେ ବଡ ମହାନଦୀ ଯାହାର ସ୍ଥାନବିଶେଷରେ ପ୍ରସାର ତିନି ମାଇଲରୁ ଅଧିକ, ସେ ସପ୍ତକ୍ରୋଶୀ ମଧ୍ୟରେ ଗୋଟିଏ ବଡ ଗିରି ନଦୀର ବିସ୍ତୃତି ଲାଭକରିଛି । ଉଭୟ ପାର୍ଶ୍ୱରେ ଆକାଶଭେଦୀ ଉତ୍ତୁଙ୍ଗ ପର୍ବତମାଳା । x x ପ୍ରାକୃତିକ ଲଙ୍ଗଳ ଚିରା ହୋଇ ଲମ୍ବ ଲମ୍ବ ଗହ୍ୱର ସବୁ ପର୍ବତର ଶିଖର ଦେଶରୁ ମହାନଦୀର ତଟ ପର୍ଯ୍ୟନ୍ତ ବିସ୍ତୃତ । ଏହି ଗହ୍ୱର ବାଟେ ବୃଷ୍ଟିଜଳ ପର୍ବତ ଉପରୁ ଗଡି ଆସେ । ମହାନଦୀର ଦକ୍ଷିଣ ପାର୍ଶ୍ୱରେ ଦଶପଲ୍ଲାର କୋଡର ଗ୍ରାମଠାରୁ ପୂର୍ବକୁ ପାଞ୍ଚ ମାଇଲ ଓ ପଶ୍ଚିମକୁ ସାତ ମାଇଲ ପର୍ଯ୍ୟନ୍ତ ମହାନଦୀର ଉଭୟ ତୀରର ଭୀମଦର୍ଶନ ପର୍ବତମାଳା ଦଣ୍ଡାୟମାନ । ଏଠାରେ ମହାନଦୀର ଶୋଭା ଅତ୍ୟନ୍ତ ମନୋରମ । ମହାନଦୀର ବାମପାର୍ଶ୍ୱରେ ଅନୁଗୋଳର ଟିକରପଡା । ଏଠାରେ ମଧ୍ୟ ମହାନଦୀର ଦୃଶ୍ୟ ରମଣୀୟ ।

## ୧୯.୨.୧ ମୂଳପାଠର ପ୍ରଥମଭାଗ ଉପରେ ପ୍ରଶ୍ନାବଳୀ

୧. ଅକ୍ଷାଂଶ ଓ ଦ୍ରାଘିମା ଅନୁଯାୟୀ ଓଡିଶାର ଭୌଗୋଳିକ ଅବସ୍ଥିତି ନିର୍ଣ୍ଣୟ କରନ୍ତୁ ।

୨. ମହାନଦୀର ଉତ୍ପତ୍ତିସ୍ଥଳର ନାମ କ'ଣ ?

୩. ମହାନଦୀ କେଉଁଠାରେ ବଙ୍ଗୋପସାଗରରେ ମିଶିଅଛି ?

୪. ଏହାର ଦୈର୍ଘ୍ୟ କେତେ ?

୫. କିଏ କେଉଁ ନଦୀକୁ ଉତ୍କଳ-ଲକ୍ଷ୍ମୀଙ୍କର ସୁବର୍ଣ୍ଣମେଖଳା' ବୋଲି ଉଲ୍ଲେଖ କରିଛନ୍ତି ?

୬. ପ୍ରସ୍ରବଣ କହିଲେ କ'ଣ ବୁଝାଏ ?

୭. ମହାନଦୀ ମଧ୍ୟପ୍ରଦେଶର କେଉଁସ୍ଥାନ ଅତିକ୍ରମ କଲାପରେ ଓଡିଶାରେ ପ୍ରବେଶ କରିଅଛି ?

## ୧୯.୨.୨ ମୂଳପାଠର ପ୍ରଥମଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ—

ପ୍ରବେଶ୍ୟ ଶିଳାସ୍ତର, ଅପ୍ରବେଶ୍ୟ ଶିଳାସ୍ତର, ଉପନଦୀ, ସଙ୍ଗମ, ପାର୍ବତ୍ୟଶଯ୍ୟା, ସମତଳ ଶଯ୍ୟା, ବିଷମ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖନ୍ତୁ—
ମେଖଳା, ପ୍ରାଞ୍ଜଳ, ଅପରୂପ, ତୀକ୍ଷ୍ଣ, ପ୍ରଧାବିତ, ଉଦ୍‌ଗିରଣ ।

୩. ସନ୍ଧିବିଚ୍ଛେଦ କରନ୍ତୁ—
ଧନୁସଂସ୍କୃତି, ଚତୁର୍ଦ୍ଦିଗ, ଅକ୍ଷାଂଶ, ଅଭ୍ୟନ୍ତର, ଉଦ୍‌ଗିରଣ, ନିରନ୍ତର ।

୪. ବ୍ୟାସବାକ୍ୟ ସହ ସମାସ ଉଲ୍ଲେଖ କରନ୍ତୁ—
ଉପକୂଳ, ଅକ୍ଷାଂଶ, ଉପସାଗର, ମହାନଦୀ, ସୁବର୍ଣ୍ଣମେଖଳା, ଗିରିବର, ନୀରସ, ଜଳଭାଗ, ଭୂପୃଷ୍ଠ, ଅପ୍ରବେଶ୍ୟ, ଅପରୂପ ।

୫. ନିମ୍ନଲିଖିତ ଶବ୍ଦରେ ଥିବା ଉପସର୍ଗ ଚିହ୍ନାଇ ଦିଅନ୍ତୁ—
ଅବବାହିକା, ଉପନଦୀ, ଅଭିମୁଖ, ପର୍ଯ୍ୟନ୍ତ, ପ୍ରସାର ।

୬. ନିମ୍ନଲିଖିତ ଶବ୍ଦରେ ଥିବା କୃଦନ୍ତ ପ୍ରତ୍ୟୟ ଓ ତଦ୍ଧିତ ପ୍ରତ୍ୟୟ ଚିହ୍ନାଇ ଦିଅନ୍ତୁ—
ଦୀର୍ଘତମ, ପ୍ରଦେଶ, ପ୍ରବେଶ, ପ୍ରବାହିତ, ଦୈର୍ଘ୍ୟ, ବୃଷ୍ଟି, ଗଭୀରତା, ବଲ୍ଲଭୀ, କୌଶଳ, ରମଣୀୟ ।

## ୧୯.୩ ମୂଳପାଠର ଦ୍ୱିତୀୟଭାଗ

ନରାଜଠାରେ ମହାନଦୀ ପାର୍ବତ୍ୟଶଯ୍ୟା ତ୍ୟାଗ କରିଛି । ଏଠାରୁ ମହାନଦୀର ଶାଖାନଦୀ କାଠଯୋଡ଼ି ବାହାରିଛି । ଶଶିଭୂଷଣ ଏହି ଶାଖାନଦୀ ବିଷୟରେ ଲେଖିଛନ୍ତି—"ମହାନଦୀର ଆରମ୍ଭଠାରୁ ଅନେକ ଉପନଦୀ ମହାନଦୀକୁ ପାଣି ଯୋଗଉଛନ୍ତି; ସୁତରାଂ ମହାନଦୀର ପାଣିର ଆୟ ଚାଲିଛି; ମାତ୍ର ବ୍ୟୟ ନାହିଁ । ନରାଜଠାରେ ମହାନଦୀର ପୁଞ୍ଜୀକୃତ ଜଳର ବ୍ୟୟ ଆରମ୍ଭ ।" ମହାନଦୀର ପରବର୍ତ୍ତୀ ଶାଖାନଦୀ—ବିରୂପା, ଏହା ଚଉଦୁଆରଠାରେ ବାହାରିଛି । ଏହାପରେ ମହାନଦୀ ଶାଖା-ପ୍ରଶାଖାରେ ବିଭକ୍ତ ହୋଇ ବଙ୍ଗୋପସାଗର ଆଡ଼କୁ ଗତି କରିଛି ।

ନଦୀ ତା'ର ପାର୍ବତ୍ୟଶଯ୍ୟା ତ୍ୟାଗକରି ସମତଳଶଯ୍ୟା ବା ମଧ୍ୟଶଯ୍ୟାରେ ପ୍ରବେଶ କଲେ, ତାହା ଭିନ୍ନରୂପ ଧାରଣକରେ । ଏହି ଅଂଶରେ ନଦୀର ପାର୍ଶ୍ୱବର୍ତ୍ତୀ ଅଂଶର କ୍ଷୟ ଅଧିକ ହୁଏ ଏବଂ ସିଧା-ସଳଖ ପ୍ରବାହିତ ନହୋଇ ସ୍ଥଳବିଶେଷରେ ଗୋଟିଏ ଗୋଟିଏ ପାର୍ଶ୍ୱକୁ ବଙ୍କାଇଯାଏ । ଉଭୟ କୂଳ କ୍ଷୟ-ପ୍ରାପ୍ତ ହୋଇ ନଦୀଶଯ୍ୟା ପ୍ରଶସ୍ତ ହୁଏ । ଏହି ଶଯ୍ୟାରେ ନଦୀର ଗତି ଅପେକ୍ଷାକୃତ ମନ୍ଥର । ପୁଣି ଏହାର ଶଯ୍ୟା ବକ୍ର ହେବା ଦ୍ୱାରା ଏହାର ଜଳପ୍ରବାହ ବାଧାପ୍ରାପ୍ତ ହୁଏ । ଫଳରେ ବନ୍ୟାଜଳ ଅବାଧରେ ସମୁଦ୍ରରେ ପହଞ୍ଚିପାରେ ନାହିଁ । ନଦୀ ମଧ୍ୟଶଯ୍ୟା ତ୍ୟାଗକରି ନିମ୍ନଶଯ୍ୟାରେ ପହଞ୍ଚିବା ବେଳକୁ ଏହାର ଗତି ଆହୁରି ମନ୍ଥର ହୋଇଯାଏ । ତେଣୁ ଏହାର ଶଯ୍ୟାରେ ବହୁ ପରିମାଣରେ ପଟୁମାଟି ଓ ବାଲି ଜମି-ଯାଏ । ନଦୀ ମୁହାଣଠାରେ ସମୁଦ୍ରରେ ମିଶିବା ବେଳକୁ ଏହାର ଜଳବେଗ ହଠାତ୍ କମିଯାଏ ।

ନଦୀର ଜଳ ପ୍ରବାହରେ ଉପର ଅଂଶରୁ ମାଟି, ଗୋଡ଼ି, ବାଲି ପ୍ରଭୃତି ନାନା ପଦାର୍ଥ ଆସି-ଥାଏ । ଏହାକୁ 'ନଦୀର ବୋଝ' କୁହାଯାଏ । ଏହି ବୋଝ ମୁହାଣ ନିକଟରେ ସଞ୍ଚିତ ହୋଇ ପଠାମାନ ସୃଷ୍ଟି ହୁଏ । ଏହାକୁ ତ୍ରିକୋଣଭୂମି କହନ୍ତି । ତ୍ରିକୋଣଭୂମି ଅଞ୍ଚଳର ମୃତ୍ତିକା ଉର୍ବର ହୋଇଥିବାରୁ ତାହା କୃଷି ଉପଯୋଗୀ । ତେଣୁ ମହାନଦୀର ତ୍ରିକୋଣଭୂମି ଅଞ୍ଚଳ ଜନବହୁଳ । ନଦୀ ମୁହାଣ ପ୍ରଶସ୍ତ ଓ ଉନ୍ମୁକ୍ତ ହେଲେ ସେଠାରେ ପୋତାଶ୍ରୟ ବା ବନ୍ଦର ନିର୍ମାଣ ଲାଗି ସୁବିଧା ହୁଏ । ମହାନଦୀର ମୁହାଣ-ଠାରେ ପାରାଦ୍ୱୀପ ବନ୍ଦର ନିର୍ମିତ ହୋଇଛି । ସ୍ୱାଧୀନତାର ପରବର୍ତ୍ତୀ କାଳରେ ହୀରାକୁଦ ବନ୍ଧ ଓ ପାରାଦ୍ୱୀପ ବନ୍ଦର ନିର୍ମାଣ ଫଳରେ ମହାନଦୀର ଗୁରୁତ୍ୱ ବଢ଼ିଯାଇଛି । ପାରାଦ୍ୱୀପ ବନ୍ଦରରୁ ଲୁହାପଥର ରପ୍ତାନି କରାଯାଉଛି ।

### ୧୯.୩.୧ ମୂଳପାଠର ଦ୍ୱିତୀୟଭାଗ ଉପରେ ପ୍ରଶ୍ନାବଳୀ

୧. କେଉଁଠାରେ ମହାନଦୀ ପାର୍ବତ୍ୟଶଯ୍ୟା ତ୍ୟାଗ କରିଅଛି ?

୨. କେଉଁଠାରୁ ମହାନଦୀର ଶାଖାନଦୀ କାଠଯୋଡ଼ି ବାହାରିଛି ?

୩. ଶଶିଭୂଷଣ ରାୟ କାଠଯୋଡ଼ି ବିଷୟରେ କ'ଣ ଲେଖିଛନ୍ତି ?

୪. ମହାନଦୀର ଅନ୍ୟ ଏକ ଶାଖାନଦୀର ନାମ ଲେଖନ୍ତୁ ।

୫. ନଦୀଶଯ୍ୟାରେ କିପରି ପଟୁମାଟି ଓ ବାଲି ଜମିଯାଏ ?

୧. ଭ୍ରମଥିଲେ ସଂଶୋଧନ କରନ୍ତୁ—

ବିସମ, ପୁଞ୍ଜିକୃତ, ବିରୁପା, ପଶସ୍ତ, ହଠାତ, ଭୁମୀ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖନ୍ତୁ—

ବ୍ୟୟ, ଗତି, ପାର୍ଶ୍ୱବର୍ତ୍ତୀ, ମନ୍ଥର, ମୃତ୍ତିକା ।

୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖନ୍ତୁ—

ରପ୍ତାନି, ସୁକ୍ଷମ, ବ୍ୟୟ, କ୍ଷୟ, ବକ୍ର ।

୪. ପାଠର ଦ୍ୱିତୀୟଭାଗରେ ଥିବା ଅବ୍ୟୟ ପଦଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।

୫. ଏକପଦରେ ପ୍ରକାଶ କରନ୍ତୁ—

ଅପେକ୍ଷାକୃତ ମନ୍ଥର, ନଦୀର ଜଳ, ଉପର ଅଂଶ, ସ୍ୱାଧୀନତାର ପରବର୍ତ୍ତୀ ।

୬. ବ୍ୟାସବାକ୍ୟ ସହ ସମାସ ନିର୍ଣ୍ଣୟ କରନ୍ତୁ—

ଶଶିଭୂଷଣ, ଶାଖାନଦୀ, ପଟ୍ଟମାଟି, ପୋତାଶ୍ରୟ, ମହାନଦୀ ।

# ୧୯.୪ ମୂଳପାଠର ଶେଷଭାଗ

ମହାନଦୀ ଅବବାହିକା ଯୋଜନା ଅନୁସାରେ ମହାନଦୀରେ ହୀରାକୁଦ, ଟିକରପଡ଼ା, ନରାଜ ଠାରେ ନଦୀବନ୍ଧ ଯୋଜନା ଏବଂ ଏହାର ମୁହାଣଠାରେ ଗୋଟିଏ ବୃହତ୍ ବନ୍ଦର ନିର୍ମାଣ ବିଷୟରେ ସୁପାରିଶ୍ କରାଯାଇଥିଲା । କେନ୍ଦ୍ର ଜଳପଥ, ଜଳସେଚନ ଓ ନୌଚଳାଚଳ କମିଶନ୍ ଏହି ନିର୍ମାଣ ସୁପାରିଶ୍ କରିଥିଲେ । ତଦନୁସାରେ ସମ୍ବଲପୁର ସହରଠାରୁ ୯ ମାଇଲ ଦୂରରେ ମହାନଦୀର ଉଭୟ ପାର୍ଶ୍ୱରେ ଥିବା ଗୁନ୍ଦିଲି ଡୁଙ୍ଗୁରି ଓ ଲକ୍ଷ୍ମୀଡୁଙ୍ଗୁରି ପାହାଡ଼କୁ ସଂଯୁକ୍ତ କରି ହୀରାକୁଦର ପ୍ରଧାନ ବନ୍ଧ ନିର୍ମିତ ହୋଇଛି । ଏହି ବନ୍ଧର ଦୈର୍ଘ୍ୟ ପ୍ରାୟ ତିନି ମାଇଲ । ସେଥିରୁ ଏକ ମାଇଲ ପର୍ଯ୍ୟନ୍ତ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର କଂକ୍ରିଟ ଦ୍ୱାରା ନିର୍ମିତ ହୋଇଛି । ଏହାଛଡ଼ା ଅବଶିଷ୍ଟ ଅଂଶତକ ମାଟିବନ୍ଧ । ଏହି ବନ୍ଧର ଦୁଇ-ପାଖରେ ପ୍ରାୟ ୧୩ ମାଇଲ ଲମ୍ବର ଆଡ଼ିବନ୍ଧ ନିର୍ମାଣ କରାଯାଇଛି । ଏହି ଉଭୟ ବନ୍ଧକୁ ମିଶାଇଲେ ଏହା ପୃଥିବୀର ଦୀର୍ଘତମ ମାଟିବନ୍ଧ । ଏହି ବନ୍ଧ ନିର୍ମାଣର ପ୍ରଥମ ପର୍ଯ୍ୟାୟ ୧୯୫୧ରେ ଆରମ୍ଭ ହୋଇ ୧୯୫୭ରେ ଶେଷ ହେଲା ଏବଂ ଦ୍ୱିତୀୟ ପର୍ଯ୍ୟାୟ ୧୯୬୨-୧୯୬୩ରେ ଶେଷ ହେଲା । ଏଥିରେ ପ୍ରାୟ ଏକ-ଶହ କୋଟି ଟଙ୍କା ବ୍ୟୟ ହୋଇଛି । ବିଦ୍ୟୁତ୍‌ଶକ୍ତି ଉତ୍ପାଦନ, ଜଳସେଚନ ଏହି ହୀରାକୁଦ ଯୋଜନାର ଲକ୍ଷ୍ୟ । ତେଣୁ ଏହାକୁ ବହୁମୁଖୀ ବନ୍ଧଯୋଜନା କୁହାଯାଏ । କବି ରାଧାମୋହନ ଗଡନାୟକ ଏହି ବନ୍ଧକୁ ସମ୍ବୋଧନ କରି ଲେଖିଛନ୍ତି—

ଉତ୍କଳ ବନ୍ୟାର ପଥେ ଠିଆକରି ପାଷାଣର କାରା,
　　କୁଲ୍ୟା ପଥେ ପଠାଉଚୁ ଧାରା

× × ×

''ଦେଶସାରା ପଠାଉଚୁ ପଥେ ପଥେ ବିଦ୍ୟୁତ୍‌ର ସ୍କନ୍ଦ
　　ସୁହୃଦରେ ହୀରାକୁଦ ବନ୍ଧ''

ଓଡ଼ିଶାର ଭୂଗୋଳ ଓ ଅର୍ଥନୀତିରେ ମହାନଦୀର ସ୍ଥାନ ଓ ଦାନ ବିଶେଷ ଗୁରୁତ୍ୱପୂର୍ଣ୍ଣ ।

### ୧୯.୪.୧ ମୂଳପାଠର ଶେଷଭାଗ ଉପରେ ପ୍ରଶ୍ନ

୧. ହୀରାକୁଦ ବନ୍ଧ ଯୋଜନାକୁ କେଉଁ କମିଶନ ସୁପାରିଶ କରିଥିଲେ ?

୨. କେଉଁ କେଉଁ ପାହାଡ଼କୁ ସଂଯୋଗ କରାଯାଇ ହୀରାକୁଦ ବନ୍ଧ ନିର୍ମାଣ କରାଯାଇଛି ?

୩. ପୃଥିବୀର ଦୀର୍ଘତମ ମାଟିବନ୍ଧ କେଉଁଠାରେ ରହିଛି ?

୪. ହୀରାକୁଦ ବନ୍ଧ ନିର୍ମାଣରେ କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ?

୫. ହୀରାକୁଦ ବନ୍ଧ ଯୋଜନାର ପ୍ରଧାନ ଲକ୍ଷ୍ୟ କ'ଣ ?

### ୧୯.୪.୨ ମୂଳପାଠର ଶେଷଭାଗ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ବହୁମୁଖ+ଈ=ବହୁମୁଖୀ । ସେହିପରି 'ଈ' ପ୍ରତ୍ୟୟ ଲଗାଇ ଆଉ ପାଞ୍ଚୋଟି ଶବ୍ଦ ଲେଖନ୍ତୁ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖି ବାକ୍ୟରେ ବ୍ୟବହାର କରନ୍ତୁ ।

ଉପକୂଳ, କୁଲ୍ୟା, ଧାର, ସ୍କନ୍ଦ, ଗୁରୁତ୍ୱପୂର୍ଣ୍ଣ ।

୩. ପାଠର ଶେଷଭାଗରୁ ଗୋଟିଏ ଲେଖାଏଁ ସରଳ ବାକ୍ୟ, ଯୌଗିକ ବାକ୍ୟ ଓ ଜଟିଳ ବାକ୍ୟ ଚିହ୍ନାଇ ଦିଅନ୍ତୁ ।

୪. ନିମ୍ନଲିଖିତ ତଦ୍ଭବ ଶବ୍ଦଗୁଡ଼ିକର ସଂସ୍କୃତ ରୂପ ଲେଖନ୍ତୁ ।

ମାଟି, ପାଖ ।

୫. ନିମ୍ନଲିଖିତ ଶବ୍ଦଗୁଡ଼ିକରେ ଥିବା ମୂଳ ଧାତୁ ଓ କୃତ୍ ପ୍ରତ୍ୟୟଗୁଡ଼ିକୁ ଚିହ୍ନାଇ ଦିଅନ୍ତୁ ।
ଯୋଜନା, ସେଚନ, ସଂଯୁକ୍ତ, ଲକ୍ଷ୍ୟ, ବନ୍ଧ ।

### ୧୯.୪.୩ ସମ୍ପୂର୍ଣ୍ଣ ମୂଳପାଠ ଉପରେ ପ୍ରଶ୍ନାବଳୀ

୧. ନଦୀ କିପରି ସୃଷ୍ଟିହୁଏ ?

୨. ନଦୀ-ଉପତ୍ୟକା କହିଲେ କଅଣ ବୁଝାଏ ?

୩. ନଦୀର ଶଯ୍ୟା କିପରି ଗଠିତ ହୁଏ ଓ ତାହା କିପରି ପ୍ରଶସ୍ତ ହୁଏ ?

୪. ଉପନଦୀ ଓ ଶାଖାନଦୀ ମଧ୍ୟରେ ପାର୍ଥକ୍ୟ କଅଣ ?

୫. ମହାନଦୀର ଶଯ୍ୟାକୁ କେତେ ଭାଗରେ ବିଭକ୍ତ କରାଯାଇଛି ଏବଂ ସେଗୁଡ଼ିକ କ'ଣ କ'ଣ ?

୬. ଗିରିଗଣ୍ଡ କଅଣ ? ମହାନଦୀର କେଉଁ ଅଞ୍ଚଳରେ ଗିରିଗଣ୍ଡ ଦେଖାଯାଏ ?

୭. ହୀରାକୁଦ ବନ୍ଧ ଯୋଜନାକୁ କାହିଁକି ବହୁମୁଖୀ ଯୋଜନା କୁହାଯାଏ ?

### ୧୯.୪.୪ ସମ୍ପୂର୍ଣ୍ଣ ମୂଳପାଠ ଉପରେ ବ୍ୟାକରଣଗତ ପ୍ରଶ୍ନାବଳୀ

୧. ପାଠରେ ଥିବା ସୁତରାଂ, ମଧ୍ୟ, ଏବଂ, ଓ, ମାତ୍ର ପ୍ରଭୃତି ଅବ୍ୟୟ ପଦଗୁଡ଼ିକୁ ବାଛି, ତାହା କେଉଁ ପ୍ରକାରର ଅବ୍ୟୟ ପଦ ନିର୍ଦ୍ଦେଶ କରନ୍ତୁ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥଲେଖି ବାକ୍ୟରେ ବ୍ୟବହାର କରନ୍ତୁ ।

ଐତିହ୍ୟ, ଅନୁରୂପ, ବିନ୍ୟାସ, ଆଧାରିତ, ପରିପକ୍ୱ ।

୩. ବ୍ୟାକରଣ ଦୃଷ୍ଟିରୁ ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଠିକ୍, ତାହାର ଡାହାଣ ପାଖରେ '√' ଓ ଯେଉଁଗୁଡ଼ିକ ଭୁଲ୍, ତାହାର ଡାହାଣ ପାଖରେ '×' ଚିହ୍ନ ଦିଅନ୍ତୁ ।

(କ) ଗ୍ଲୋବ୍ ଏବଂ ମାନଚିତ୍ରରେ ଗୋଟିଏ ସ୍ଥାନର ଅବସ୍ଥିତିକୁ ଅକ୍ଷାଂଶ ଓ ଦ୍ରାଘିମା ରେଖା ଅନୁସାରେ କହନ୍ତି ।

(ଖ) ପ୍ରାକୃତିକ ଗଠନ ଅନୁସାରେ ଓଡ଼ିଶାକୁ ଚାରିଗୋଟି ଭାଗରେ ବିଭାଗ କରାଯାଇଛି ।

(ଗ) ଏହି ମାଳଭୂମିର ସ୍ଥାନେ ସ୍ଥାନେ ପର୍ବତ ଓ ଉପତ୍ୟକାମାନ ଅଛନ୍ତି ।

(ଘ) ଏହି ତରଙ୍ଗାୟିତ ଉଚ୍ଚ ଭୂମି ଦକ୍ଷିଣ ଆଡ଼କୁ କ୍ରମାବନତ ହୋଇ ଆସିଛି ।

## ୧୯.୫ ପାଠର ସାରାଂଶ

ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ । ମହାନଦୀ ଏହି ରାଜ୍ୟର ଦୀର୍ଘତମ ନଦୀ । ଏହା ଅମରକଣ୍ଟକ ମାଳଭୂମିରୁ ବାହାରି ସମ୍ବଲପୁର ନିକଟରେ ଓଡ଼ିଶାର ପ୍ରବେଶ କରିଛି ଏବଂ ପାରାଦ୍ୱୀପ ନିକଟରେ ବଙ୍ଗୋପସାଗରରେ ମିଶିଛି । ଏହାର ଦୈର୍ଘ୍ୟ ୮୮୦ କିଲୋମିଟର । ମହାନଦୀ ତା'ର ପାର୍ବତ୍ୟଶଯ୍ୟା, ମଧ୍ୟଶଯ୍ୟା ଓ ନିମ୍ନଶଯ୍ୟା ଦେଇ ସମୁଦ୍ରକୁ ଗତିକରିବା ପଥରେ ବହୁ ଉପନଦୀରୁ ଜଳ ଗ୍ରହଣ କରିଛି । ମହାନଦୀର ପାର୍ବତ୍ୟଶଯ୍ୟାରେ ସାତକୋଶିଆଗଣ୍ଡର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ । ହୀରାକୁଦ ବହୁମୁଖୀ ନଦୀ ବନ୍ଧ ଯୋଜନା ଓ ପାରାଦ୍ୱୀପ ବନ୍ଦର ଲାଗି ମହାନଦୀର ଗୁରୁତ୍ୱ ବୃଦ୍ଧି ଘଟିଛି । ହୀରାକୁଦ ପୃଥିବୀର ଦୀର୍ଘତମ ମାଟିବନ୍ଧ ଏବଂ ପାରାଦ୍ୱୀପ ଗୋଟିଏ କ୍ଷୁଦ୍ର ପୋତାଶ୍ରୟ ।

## ୧୯.୬ ଶବ୍ଦାର୍ଥ

ପୂର୍ବ-ଉପକୂଳ—ଭାରତରେ ପୂର୍ବଦିଗରେ ଥିବା ସମୁଦ୍ରକୂଳ ।

ଅକ୍ଷାଂଶ ଓ ଦ୍ରାଘିମା—ପୃଥିବୀ କମଳା ବା ନାସ୍‌ପାତି ପରି ଗୋଲ । ଏହାର ମଧ୍ୟଭାଗରେ ଗୋଟିଏ ମେରୁରେଖା ବା ମେରୁଦଣ୍ଡର କଳ୍ପନା କରାଯାଇଛି । ଏହାକୁ ଅକ୍ଷ କୁହାଯାଏ । ଏହି ମେରୁରେଖାର ଉତ୍ତରପ୍ରାନ୍ତକୁ ଉତ୍ତରମେରୁ ବା ସୁମେରୁ ଓ ଦକ୍ଷିଣପ୍ରାନ୍ତକୁ ଦକ୍ଷିଣମେରୁ ବା କୁମେରୁ କୁହାଯାଏ । ଦୁଇ ମେରୁଠାରୁ ସମାନ ଦୂରତ୍ୱରେ ଗୋଲକାର ପୃଥିବୀର ଉପରେ ମଝାମଝି ପୂର୍ବ-ପଶ୍ଚିମ ଭାଗରେ ଗୋଟିଏ ବୃତ୍ତର କଳ୍ପନା କରାଯାଇଛି । ଏହାର ନାମ ବିଷୁବ ବୃତ୍ତ ବା ନିରକ୍ଷ ବୃତ୍ତ । ଏହି ବୃତ୍ତ ପୃଥିବୀକୁ ଦୁଇ ସମାନଭାଗରେ ବିଭକ୍ତ କରିଛି । ଏହାର ଉତ୍ତର ଅଂଶକୁ ଉତ୍ତର ଗୋଲାର୍ଦ୍ଧ ଓ ଦକ୍ଷିଣ ଅଂଶକୁ ଦକ୍ଷିଣ ଗୋଲାର୍ଦ୍ଧ କୁହାଯାଏ । ବିଷୁବରେଖାର ଉଭୟ ଦିଗରେ ପୂର୍ବ-ପଶ୍ଚିମ ହୋଇ ବିଷୁବବୃତ୍ତ ସହିତ ସମାନ୍ତର ଭାବରେ କଳ୍ପିତ ବୃତ୍ତଗୁଡିକୁ ଅକ୍ଷାଂଶ ରେଖା କୁହାଯାଏ । ସେହିପରି ଉତ୍ତର-ଦକ୍ଷିଣ ମେରୁକୁ ଯୋଗ କରୁଥିବା ଅର୍ଥାତ ଉତ୍ତର-ଦକ୍ଷିଣ ହୋଇ ଟଣା ଯାଇଥିବା କାଳ୍ପନିକ ରେଖାଗୁଡିକୁ ଦ୍ରାଘିମା ରେଖା କୁହାଯାଏ । ଦ୍ରାଘିମା ରେଖାଗୁଡ଼ିକ ପୂର୍ଣ୍ଣବୃତ୍ତ ନୁହନ୍ତି, ଅର୍ଦ୍ଧ-ବୃତ୍ତାକାର । ପୃଥିବୀର ବିଭିନ୍ନ ଦେଶ ବା ସ୍ଥାନର ଅବସ୍ଥିତି ଜାଣିବା ପାଇଁ ଭୂଗୋଲକ ବା ଗ୍ଲୋବ୍‌ସ ସାହାଯ୍ୟ ନିଆଯାଏ । ଏହାକୁ ପୃଥିବୀର ଗୋଟିଏ ଛାଞ୍ଚ ବା ପ୍ରତିକୃତି ବୋଲି କୁହାଯାଇପାରେ । ଏହାର ଆକୃତି ଅନେକାଂଶରେ ପୃଥିବୀର ଆକୃତି ପରି । ଏହା ଉପରେ ପୃଥିବୀର ବିଭିନ୍ନ ଦେଶ, ମହାଦେଶ, ସାଗର, ମହାସାଗର ପ୍ରଭୃତି ଅଙ୍କନ କରାଯାଇଥାଏ ଏବଂ ଅକ୍ଷାଂଶ ଦ୍ରାଘିମା ରେଖାମାନ ଅଙ୍କିତ ହୋଇଥାଏ । ବିଷୁବ ବୃତ୍ତଠାରୁ ଉତ୍ତର ବା ଦକ୍ଷିଣକୁ ଅବସ୍ଥିତ କୌଣସି ସ୍ଥାନର କୌଣିକ-ଦୂରତ୍ୱକୁ ସେହି ସ୍ଥାନର ଅକ୍ଷାଂଶ କୁହନ୍ତି । ଉତ୍ତର ଗୋଲାର୍ଦ୍ଧରେ ଏଗୁଡ଼ିକୁ ଉତ୍ତର ଅକ୍ଷାଂଶ ଓ ଦକ୍ଷିଣ-ଗୋଲାର୍ଦ୍ଧରେ ଦକ୍ଷିଣ-ଅକ୍ଷାଂଶ କହନ୍ତି ।

ଡିଗ୍ରୀ—କୌଣସି ସ୍ଥାନ ବିଷୁବ ରେଖାଠାରୁ ଉତ୍ତର ବା ଦକ୍ଷିଣରେ କେତେ ଦୂରରେ ଅଛି ତାହା ବିଷୁବ ରେଖାଠାରୁ ହିଁ ମପାଯାଏ । ପୃଥିବୀ ଗୋଲକାର ହୋଇଥିବାରୁ ଏହି ଦୂରତ୍ୱକୁ ଦୈର୍ଘ୍ୟ ଆକାରରେ ନମାପି କୌଣିକ ଦୂରତ୍ୱରେ ମପାଯାଏ । କୌଣସି ଏକ ବୃତ୍ତର ପରିଧିରେ ଥିବା ଦୁଇଟି ସ୍ଥାନ ମଧ୍ୟରେ ଦୂରତା ଜାଣିବାକୁ ହେଲେ ସେହି ସ୍ଥାନ ଦୁଇଟି ବୃତ୍ତର କେନ୍ଦ୍ରରେ ଯେଉଁ କୋଣ ସୃଷ୍ଟି କରନ୍ତି ତାହା ସେହି ସ୍ଥାନର **କୌଣିକ-ଦୂରତ୍ୱ** । ଏହି କୌଣିକ-ଦୂରତ୍ୱକୁ ଡିଗ୍ରୀରେ ମପାଯାଏ । ପ୍ରତ୍ୟେକ ଡିଗ୍ରୀକୁ ୬୦ ମନିଟ୍ ଓ ପ୍ରତି ମିନିଟ୍‌କୁ ୬୦ ସେକେଣ୍ଡରେ ଭାଗକରାଯାଏ । ବିଷୁବ ରେଖାକୁ ଶୂନ୍ୟ ଡିଗ୍ରୀ ଧରାଯାଇ ତା'ର ଉତ୍ତର ବା ଦକ୍ଷିଣରେ କୌଣସି ସ୍ଥାନର ଦୂରତ୍ୱକୁ ସେହି ସ୍ଥାନର ଅକ୍ଷାଂଶ କୁହାଯାଏ । ଅକ୍ଷାଂଶ ଦ୍ୱାରା ବିଷୁବ ରେଖାଠାରୁ ଉତ୍ତର ବା ଦକ୍ଷିଣରେ କୌଣସି ସ୍ଥାନର ଅବସ୍ଥିତି ଓ ଦୂରତା ଜଣାଯାଏ । ଲଣ୍ଡନ ସହର ନିକଟବର୍ତ୍ତୀ ଗ୍ରୀନ୍‌ଚ୍ ସ୍ଥାନ ମଧ୍ୟ ଦେଇ କଳ୍ପିତ ଦ୍ରାଘିମା ରେଖାଟିକୁ ମୂଳ ଦ୍ରାଘିମା ରେଖା ବା ପ୍ରଧାନ ଦ୍ରାଘିମା ରେଖା ବୋଲି ଗ୍ରହଣ କରାଯାଇଛି । ଏହି ପ୍ରଧାନ ମଧ୍ୟ ରେଖା ସ୍ଥଳ ଦ୍ରାଘିମାଟି ଶୂନ୍ୟ ଡିଗ୍ରୀ । ଏହାର ପୂର୍ବଆଡ଼କୁ ଏକ ଏକ ଡିଗ୍ରୀ ବ୍ୟବଧାନରେ ୧୮୦ଟି ଏବଂ ପଶ୍ଚିମକୁ ଏକ ଏକ ଡିଗ୍ରୀ ବ୍ୟବଧାନରେ ୧୮୦ ଏପରି ୩୬୦ଟି ଅର୍ଦ୍ଧ-ବୃତ୍ତାକାର ମଧ୍ୟରେଖା କଳ୍ପନା କରାଯାଇଛି । ମୂଳ ମଧ୍ୟ-ରେଖାରୁ ପୂର୍ବ ବା ପଶ୍ଚିମରେ କୌଣସି ସ୍ଥାନର କୌଣିକ ଦୂରତ୍ୱକୁ ସେହି ସ୍ଥାନର ଦ୍ରାଘିମା କୁହାଯାଏ । ଅକ୍ଷାଂଶ ଓ ଦ୍ରାଘିମା ରେଖାଗୁଡ଼ିକ ପରସ୍ପରକୁ ଛେଦ କରିଛି । କୌଣସି ସ୍ଥାନର ଅକ୍ଷାଂଶ ୯୦ ଡିଗ୍ରୀରୁ ଅଧିକ ଓ ଦ୍ରାଘିମା ୧୮୦ ଡିଗ୍ରୀରୁ ଅଧିକା ହୋଇପାରିବ ନାହିଁ । ଏହି ରେଖାଗୁଡିକ ସାହାଯ୍ୟରେ ପୃଥିବୀର ଯେ କୌଣସି ସ୍ଥାନର ଅବସ୍ଥିତି ନିର୍ଣ୍ଣୟ କରି ତାହା କେତେ ଡିଗ୍ରୀ କେତେ ମିନିଟ୍ କେତେ ସେକେଣ୍ଡ ଅକ୍ଷାଂଶ ଦ୍ରାଘିମା ମଧ୍ୟରେ ଅବସ୍ଥିତ ତାହା କୁହାଯାଇ ପାରିବ । ଯେପରି ମାନଚିତ୍ର ବା ମ୍ୟାପ୍‌ରେ ଗୋଟିଏ ବୃହତ ଅଞ୍ଚଳକୁ କ୍ଷୁଦ୍ର କ୍ଷୁଦ୍ର ମାନ (ଯଥା, ମାନ ୧ ସେ. ମି.=୧ କି. ମି.) ରେ ଦେଖାଇ ଦିଆଯାଏ । ସେହିପରି ଗ୍ଲୋବ୍‌ରେ ଡିଗ୍ରୀ ଓ ସେକେଣ୍ଡ ଅକାରରେ କୁହାଯାଇଥାଏ । ଗୋଟିଏ ଦ୍ରାଘିମା ରେଖାରେ ଥିବା ସମସ୍ତ ସ୍ଥାନର ଦ୍ରାଘିମା ଏକ । ଏକ ଡିଗ୍ରୀ ଦ୍ରାଘିମାର ଦୂରତ୍ୱ ପୃଥିବୀ ପୃଷ୍ଠରେ କେତେ ହେବ ତାହା ମାପିବା ସେହି ସ୍ଥାନର ଅବସ୍ଥିତି ଉପରେ ନିର୍ଭର କରେ । ବିଷୁବ ବୃତ୍ତ ଅଞ୍ଚଳରେ ଏହା ସବୁଠାରୁ ଅଧିକ । (୧ ଡିଗ୍ରୀ ଦ୍ରାଘିମା=୧୧୧ କି. ମି.) ଏହା ମେରୁ ପ୍ରଦେଶ ଆଡକୁ କ୍ରମଶଃ କମିଯାଇ, ମେରୁରେ ଶୂନ୍ୟ ଡିଗ୍ରୀ ହୋଇଯାଏ ।

ସମତଳ ଭୂମି—ସମୁଦ୍ର ପତ୍ତନରୁ ସମଉଚ୍ଚତାବିଶିଷ୍ଟ ଭୂମିକୁ ସମତଳ ଭୂମି କୁହାଯାଏ । ଏହାର ଉଚ୍ଚତା ସର୍ବତ୍ର ପ୍ରାୟ ସମାନ ।

ମାଳଭୂମି—ଯେଉଁ ଭୂମିର ପାର୍ଶ୍ୱ ତୀକ୍ଷ୍ଣ, ଯାହା ସମତଳ ଅଞ୍ଚଳରୁ ଲମ୍ବ ଭାବରେ ରହିଛି ଓ ଯାହାର ଉପରିଭାଗ ବା ଶୀର୍ଷାଞ୍ଚଳ ପ୍ରଶସ୍ତ, ତାହାକୁ ମାଳଭୂମି କୁହାଯାଏ ।

ଉପସାଗର—ଯେଉଁ ଜଳଭାଗକୁ ତିନିପାଖରେ ସ୍ଥଳଭାଗ ଘେରି ରହିଛି ।

ପ୍ରବେଶ୍ୟ ଶିଳାସ୍ତର—ଯେଉଁ ଶିଳାସ୍ତର ମଧ୍ୟ ଦେଇ ଜଳଭୂମି ଭିତରକୁ ଭେଦ କରିପାରେ ।

## ୧୯.୭ ପଠନ ଅଭ୍ୟାସ

ପାଠଟିକୁ ଭଲଭାବରେ ପଢ଼ି ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ଗୋଟିଏ ଗୋଟିଏ ପାରାଗ୍ରାଫ ଲେଖନ୍ତୁ—

(କ) ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ।

(ଖ) ମହାନଦୀର ଗତିପଥ ।

(ଗ) ହୀରାକୁଦ ବନ୍ଧ ଯୋଜନା ।

## ୧୯.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପାଠଟି ପଢ଼ି ଏଗୁଡ଼ିକର ଉତ୍ତର ନିଜେ ନିଜେ କରନ୍ତୁ । ପ୍ରଶ୍ନଗୁଡ଼ିକ ଶେଷରେ ଯେଉଁ ଉତ୍ତର ଦିଆଯାଇଛି, ତାହାକୁ ପ୍ରଥମେ ଦେଖନ୍ତୁ ନାହିଁ । ନିଜେ ଉତ୍ତର କରିସାରିଲା ପରେ ପ୍ରଦତ୍ତ ଉତ୍ତରଗୁଡ଼ିକୁ ଦେଖନ୍ତୁ । ଆବଶ୍ୟକ ସ୍ଥଳରେ ଆପଣଙ୍କ ଉତ୍ତରଗୁଡ଼ିକୁ ସଜାଡ଼ି ଦିଅନ୍ତୁ ।

୧: 'ନଦୀର ବୋଝ' କହିଲେ କଅଣ ବୁଝାଏ ଏବଂ ଏହା କିପରି ତ୍ରିକୋଣଭୂମି ସୃଷ୍ଟି କରେ ?

୨. ମହାନଦୀ ମୁହାଣରେ ପାରାଦ୍ୱୀପ ବନ୍ଦର ନିର୍ମିତ ହେବାର କାରଣ କ'ଣ ?

୩. ହୀରାକୁଦ ବନ୍ଧକୁ କାହିଁକି ବହୁମୁଖୀ ଯୋଜନା କୁହାଯାଏ ?

୪: ନିମ୍ନଲିଖିତ ଉପସର୍ଗ ବ୍ୟବହାର କରି ୫ଟି ଲେଖାଏଁ ଶବ୍ଦ ଗଠନ କରନ୍ତୁ ।

ଅପ, ଉପ, ନିଃ, ଅଧି, ପ୍ର, ପରା, ଅବ, ଅନୁ ।

୫. ନିମ୍ନଲିଖିତ ପ୍ରତ୍ୟୟ ଯୋଗକରି କୃଦନ୍ତ ପଦ ଗଠନ କରନ୍ତୁ ।

ଅକ, ଅନ, ଇନ୍, ତ (କ୍ତ), ତି (କ୍ତି) ।

**ଉତ୍ତର**

୧: ନଦୀ ପର୍ବତରୁ ନିର୍ଗତ ହୋଇ ସମତଳ ପ୍ରଦେଶ ଆଡ଼କୁ ପ୍ରବାହିତ ହେଲାବେଳେ ନିମ୍ନ-ଗାମୀ ହୋଇଥାଏ । ଜଳ ପ୍ରବାହରେ ଉପର ଅଂଶରୁ ମାଟି, ଗୋଡ଼ି, ବାଲି ପ୍ରଭୃତି ନାନା ପଦାର୍ଥ ବୋହି ଆସିଥାଏ । ଏହି ପଦାର୍ଥଗୁଡ଼ିକୁ କୁହାଯାଏ 'ନଦୀର ବୋଝ' । ଏହି ବୋଝ ମୁହାଣ ନିକଟରେ ସଞ୍ଚିତ ହୋଇ ପଠାମାନ ସୃଷ୍ଟି କରିଥାଏ । ଏହାକୁ କୁହାଯାଏ ତ୍ରିକୋଣଭୂମି । ତ୍ରିକୋଣଭୂମି ଅଞ୍ଚଳର ମୃତ୍ତିକା ଉର୍ବର ହୋଇଥିବାରୁ ତାହା କୃଷି ଉପଯୋଗୀ ହୋଇଥାଏ ।

୨. ନଦୀ ଯେଉଁଠାରେ ସମୁଦ୍ର ସହିତ ମିଶିଅଛି, ସେହି ସ୍ଥାନ ଯଦି ବନ୍ଦର ନିର୍ମାଣ ଉପଯୋଗୀ ହୋଇଥାଏ, ତାହାହେଲେ ଦେଶର ସରକାର ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟର ବିକାଶ ଉଦ୍ଦେଶ୍ୟରେ ସେଠାରେ ବନ୍ଦର ନିର୍ମାଣ କରିଥାଆନ୍ତି । ଭାରତର କେନ୍ଦ୍ର ଜଳପଥ, ଜଳସେଚନ ଓ ନୌଚଳାଚଳ କମିଶନ ମହାନଦୀର ମୁହାଣରେ ପାରାଦ୍ୱୀପଠାରେ ସମୁଦ୍ର ଉପକୂଳରେ ଏକ ବୃହତ ବନ୍ଦର ନିର୍ମାଣ ସକାଶେ ସୁପାରିଶ କରିଥିଲେ । ଏହି ବନ୍ଦର ନିର୍ମାଣ ଦ୍ୱାରା ଓଡ଼ିଶାର ଲୁହାପଥର ବିଦେଶକୁ ରପ୍ତାନି ହୁଏ ଓ ବିଦେଶରୁ ବିଭିନ୍ନ ପଦାର୍ଥ ଓଡ଼ିଶାକୁ ଆମଦାନି ହୁଏ । ଓଡ଼ିଶାର ଅର୍ଥନୀତିକ ବିକାଶକୁ ଆଖି ଆଗରେ ରଖି ପାରାଦ୍ୱୀପ ବନ୍ଦର ନିର୍ମିତ ହୋଇଅଛି ।

୩. ହୀରାକୁଦ ବନ୍ଧ ଯୋଜନା ଦ୍ୱାରା ଓଡିଶା ମହାନଦୀର ବନ୍ୟା ଦାଉରୁ ରକ୍ଷା ପାଇପାରିଛି । ଏଠାରେ ସଞ୍ଚିତ ଜଳ, ଜଳସେଚନ କାର୍ଯ୍ୟରେ ବିନିଯୁକ୍ତ ହୋଇ ଓଡ଼ିଶାକୁ ମରୁଡ଼ି ଓ ଦୁର୍ଭିକ୍ଷ ଦାଉରୁ ବହୁ ପରିମାଣରେ ରକ୍ଷା କରିପାରିଛି । ଏଠାରେ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହୋଇ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରେରିତ ହେଉଅଛି । ଫଳରେ ଓଡିଶା ବିଦ୍ୟୁତଆଲୋକ ପାଇବା ସଙ୍ଗେ ସଙ୍ଗେ ଏହାର ଶିଳ୍ପାନୁଷ୍ଠାନଗୁଡ଼ିକ ସମୃଦ୍ଧ ହୋଇପାରିଛି । ଏଠାରେ ମତ୍ସ୍ୟଚାଷର ବିକାଶ ଘଟିଅଛି । ଓଡିଶାର ବହୁମୁଖୀ ଆର୍ଥନୀତିକ ବିକାଶରେ ସହାୟକ ହୋଇଥିବାରୁ ହୀରାକୁଦ ବନ୍ଧକୁ ବହୁମୁଖୀ-ଯୋଜନା କୁହାଯାଏ ।

୪. ଅପ—ଅପକାର, ଅପସାରିତ, ଅପମାନିତ, ଅପବାଦ, ଅପଚୟ ।

ଉପ—ଉପକାର, ଉପହାର, ଉପବେଶନ, ଉପଚ୍ଛର, ଉପଢୌକନ ।

ନିଃ—ନିଃଶ୍ୱାସ, ନିଶ୍ଚିନ୍ତ, ନିଶ୍ଚିତ, ନିର୍ଗତ, ନିର୍ବାସନ ।

ଅଧି—ଅଧିକାର, ଅଧିବେଶନ, ଅଧ୍ୟୟନ, ଅଧ୍ୟାପକ, ଅଧୀଶ୍ୱର ।

ପ୍ର—ପ୍ରକାର, ପ୍ରସାଦ, ପ୍ରମାଣ, ପ୍ରଚ୍ଛର, ପ୍ରକାଶ ।

ପରା—ପରାଜୟ, ପରାଭବ, ପରାହତ, ପରାକ୍ରମ, ପରାଗ ।

ଅବ—ଅବହେଳା, ଅବମାନନା, ଅବସାଦ, ଅବବାହିକା, ଅବଚେତନ ।

ଅନୁ—ଅନୁକରଣ, ଅନୁଷ୍ଠାନ, ଅନୁଭବ, ଅନୁଯାୟୀ, ଅନୁପାତ ।

୫. ଅଙ୍କ—କୃ+ଅକ=କାରକ

ଅନ—ସ୍ଥା+ଅନ=ସ୍ଥାନ

ଇନ୍—ବଦ୍+ଇନ୍=ବାଦୀ

ତ—ଭୀ+ତ=ଭୀତ

ତି—ସ୍ଥା+ତି=ସ୍ଥିତି

## ୧୯.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖନ୍ତୁ ।

(କ) ବଙ୍ଗୋପସାଗରର କେଉଁ ଦିଗରେ ଓଡ଼ିଶା ଅବସ୍ଥିତ ?

(ଖ) ମହାନଦୀର ମଧ୍ୟଭାଗସ୍ଥ ଉପତ୍ୟକା ଅଞ୍ଚଳଟି କେଉଁ କେଉଁ ଜିଲ୍ଲା ମଧ୍ୟରେ ବିସ୍ତୃତ ?

(ଗ) ଓଡ଼ିଶାର ଦକ୍ଷିଣ-ପଶ୍ଚିମସ୍ଥ ପାର୍ବତ୍ୟ ଅଞ୍ଚଳଟି କେଉଁ ପର୍ବତମାଳାର ଏକ ଅଂଶ ?

୨. ଭ୍ରମ ଥିଲେ ସଂଶୋଧନ କରନ୍ତୁ—

(କ) ସ୍ୱାଧୀନତା ପୂର୍ବରୁ ହୀରାକୁଦ ବନ୍ଧ ନିର୍ମିତ ହୋଇଅଛି ।

(ଖ) ମହାନଦୀ ସମ୍ବଲପୁରଠାରୁ ସୋନପୁର ପର୍ଯ୍ୟନ୍ତ ସରଳ ଗତିରେ ପ୍ରବାହିତା ।

(ଗ) ବିରୂପା ଓ ବୁଢ଼ାବଳଙ୍ଗ ମହାନଦୀର ଦୁଇଟି ପ୍ରଧାନ ଉପନଦୀ ।

୩. ଶୂନ୍ୟସ୍ଥାନ ପୂରଣ କରନ୍ତୁ—

(କ) ଓଡିଶା, ଭାରତର ପୂର୍ବ-ଉପକୂଳରେ — ଓ — ଉତ୍ତର ଅକ୍ଷାଂଶ ଏବଂ — ଓ — ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ।

(ଖ) ସମ୍ବଲପୁରଠାରେ ମହାନଦୀର ଓସାର ପ୍ରାୟ — ମାଇଲ ।

(ଗ) ସମଗ୍ର ମହାନଦୀ ଅସଂଖ୍ୟ — ରେ ପରିପୂର୍ଣ୍ଣ ।

୪. ସଂକ୍ଷିପ୍ତ ଟିପ୍‌ପଣୀ ଲେଖନ୍ତୁ—

ମହାନଦୀର ଅବବାହିକା, ଶଶିଭୂଷଣ ରାୟଙ୍କ ଲେଖନୀରେ ମହାନଦୀ, ଓଡିଶାର ଅର୍ଥନୀତି ଓ ମହାନଦୀ ।

୫. ନିମ୍ନଲିଖିତ ଶବ୍ଦ ବ୍ୟବହାର କରି ବାକ୍ୟଗଠନ କରନ୍ତୁ—

ଭୂରୂପ, କ୍ରମାବନତ, ସମୃଦ୍ଧିଶାଳୀ, ଅପେକ୍ଷାକୃତ, ଦଣ୍ଡାୟମାନ ।

୬. ବ୍ୟାକରଣଗତ ଭ୍ରମଥିଲେ ସଂଶୋଧନ କରନ୍ତୁ—

(କ) ଶଶିଭୂଷଣ ମହାନଦୀକୁ ଉତ୍କଳ-ଲକ୍ଷ୍ମୀଙ୍କର 'ସୁବର୍ଣ୍ଣମେଖଳା' ବୋଲି ଉଲ୍ଲିଖିତ କରିଛନ୍ତି ।

(ଖ) ଉଚ୍ଚ ମାଳଭୂମି ଓ ପର୍ବତରୁ ଝରଣାଜଳ ବା ବୃଷ୍ଟିଜଳ ନିମ୍ନଭୂମି ଆଡ଼କୁ ପ୍ରବାହିତ ହେଲେ ନଦୀ ସୃଷ୍ଟି ହୁଏ ।

(ଗ) ମହାନଦୀର ବିଭିନ୍ନ ଦୃଶ୍ୟ ଦେଖିଲେ ପ୍ରକୃତିର ବିଚିତ୍ର ଲୀଳା ଉପଲବ୍ଧି ହୋଇଥାଏ ।

୭. ମହାନଦୀର ପ୍ରାକୃତିକ ଦୃଶ୍ୟ ସମ୍ପର୍କରେ ଏକ କ୍ଷୁଦ୍ର ପ୍ରବନ୍ଧ ଲେଖନ୍ତୁ ।